## ଓମ୍ବାଡସି ଓଭରସାଇଟ ଅଥରିଟିଙ୍କ କେନ୍ଦୁଝର ଜିଲ୍ଲା ଗସ୍ତ: ତୃତୀୟ ଦିନରେ କ୍ଷେତ୍ର ପରିଦର୍ଶନ ସହ ସମୀକ୍ଷା: ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ତଥା ଅଗ୍ରଗତି ସନ୍ତୋଷଜନକ: ଜଷ୍ଟିସ ଶ୍ରୀ ପଟ୍ଟନାୟକ




କେନ୍ଦୁଝର, ୨୯।୧୨: ଓମ୍ବାଡସି (ଓଡିଶା ମିନେରାଲ ବିଅରିଂ ଏରିଆଜ୍ ଡେଭେଲପମେଂଟ କର୍ପୋରେସନ) ର ଓଭରସାଇଟ ଅଥରିଟି ତଥା ସୁପ୍ରିମକୋର୍ଟର ପୂର୍ବତନ ମାନ୍ୟବର ନ୍ୟାୟମୂର୍ତ୍ତି ଜଷ୍ଟିସ ଅନଙ୍ଗ କୁମାର ପଟ୍ଟନାୟକ ଚଳିତ ଡିସେମ୍ବର ୨୭ ତାରିଖରୁ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ/କାର୍ଯ୍ୟକ୍ରମର ତଦାରଖ କରିବା ସହିତ ସମୀକ୍ଷା କରିଛନ୍ତି । ଗସ୍ତର ତୃତୀୟ ଦିବସ ଡିସେମ୍ବର ୨୯ ତାରିଖ ଗୁରୁବାର ଦିନ ଜଷ୍ଟିସ ଶ୍ରୀ ପଟ୍ଟନାୟକ କ୍ଷେତ୍ର ପରିଦର୍ଶନ ସାରି ଜିଲ୍ଲା କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ବିଭିନ୍ନ ପ୍ରକଳ୍ପ/କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ଓ ଅଗ୍ରଗତି ସଂପର୍କରେ ସମୀକ୍ଷା କରି କାର୍ଯ୍ୟାନ୍ୱୟନ ଓ ଅଗ୍ରଗତି ସନ୍ତୋଷଜନକ ବୋଲି ମତବ୍ୟକ୍ତ କରିଛନ୍ତି ଏବଂ ଆଗାମୀ ଦିନରେ ଓମ୍ବାଡସି ଅନୁଦାନରେ କାର୍ଯ୍ୟକ୍ରମ ବ୍ୟାପକ କରି ଜନସାଧାରଣଙ୍କୁ ସେବା ଯୋଗାଇ ଦେବାକୁ ପରାମର୍ଶ ଦେଇଛନ୍ତି । ପ୍ରାରମ୍ଭରେ ଜିଲ୍ଲାପାଳ ଆଶିଷ ଠାକ୍‌ରେ ମାନ୍ୟବର ଜଷ୍ଟିସ ଶ୍ରୀ ପଟ୍ଟନାୟକ,ଓମ୍ବାଡସି ର ବରିଷ୍ଠ କର୍ମକର୍ତ୍ତା ତଥା ଉପସ୍ଥିତ ସମସ୍ତ ପଦାଧିକାରୀଙ୍କୁ ସ୍ୱାଗତ ସମ୍ଭାଷଣ କରିଥିଲେ । ଏହି ସମୀକ୍ଷା ବୈଠକରେ ଓମ୍ବାଡସି ର ଓଭରସାଇଟ ଅଥରିଟି ତଥା ସୁପ୍ରିମକୋର୍ଟ ର ପୂର୍ବତନ ମାନ୍ୟବର ନ୍ୟାୟମୂର୍ତ୍ତି ଜଷ୍ଟିସ ଶ୍ରୀ ପଟ୍ଟନାୟକ ଉଦ୍‌ବୋଧନ ଦେଇ କହିଥିଲେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଦାୟିତ୍ୱପ୍ରାପ୍ତ ହୋଇ ୨୦୧୮ ମସିହାରେ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସିଥିଲେ । ଜିଲ୍ଲାର ଭିତିଭୂମିର ସ୍ଥିତି ପରଖିବା ସହ କେଉଁ କ୍ଷେତ୍ରରେ ଓମ୍ବାଡସି ଅର୍ଥ ବିନିଯୋଗର ଆବଶ୍ୟକତା ରହିଛି ତାହା ତଦାରଖ କରିବା ଏବଂ ଜିଲ୍ଲାପାଳଙ୍କ ସମେତ ବରିଷ୍ଠ ଅଧିକାରୀଙ୍କ ସହ ଓମ୍ବାଡସି ଅର୍ଥ ବିନିଯୋଗରେ ଜିଲ୍ଲାର ଖଣି ଅ ଳ ତଥା ଅନ୍ୟାନ୍ୟ ଅ ଳର ବିକାଶ ପାଇଁ ଯଥାଯଥ ଯୋଜନା ପ୍ରସ୍ତୁତି ସଂପର୍କରେ ଆଲୋଚନା ହୋଇଥିଲା । ଜିଲ୍ଲାବାସୀଙ୍କ ପାଇଁ ପାନୀୟ ଜଳ ଯୋଗାଣ,ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ତଥା ଅନ୍ୟାନ୍ୟ ଚିକିତ୍ସାଳୟମାନଙ୍କର ଭିତିଭୂମିର ବିକାଶ ସହିତ ଆଧୁନିକ ଚିକିତ୍ସା ପଦ୍ଧତି ପାଇଁ ଆବଶ୍ୟକୀୟ ଉପକରଣ ବ୍ୟବସ୍ଥା, ଶିକ୍ଷା କ୍ଷେତ୍ରର ଭିତିଭୂମିର ବ୍ୟବସ୍ଥା, ଜନସାଧାରଣଙ୍କର ଜୀବନଜୀବିକାର ଉନ୍ନତି, ଦକ୍ଷତା ବିକାଶ, ବର୍ଷା ଜଳ ସଂରକ୍ଷଣ ଇତ୍ୟାଦି କ୍ଷେତ୍ରକୁ ପ୍ରାଥମିକତା ଦିଆଯାଇ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯିବା ସହିତ ଅର୍ଥ

ମଞ୍ଜୁର କରାଯାଇଥିଲା । ୪ ବର୍ଷ ପରେ ଗସ୍ତ ସମୟରେ କେନ୍ଦୁଝର ଜିଲ୍ଲାରେ ପ୍ରଗତି କ୍ଷେତ୍ରରେ ବିରାଟ ପରିବର୍ତ୍ତନ ଆସିଛି । ଓମ୍ୱାଡସି ଅର୍ଥ ବିନିଯୋଗର ବହୁତ ଉନ୍ନତିମୂଳକ କାର୍ଯ୍ୟ ହୋଇପାରିଛି । ଓମ୍ୱାଡସି ଅର୍ଥ ବିନିଯୋଗରେ ଜିଲ୍ଲାରେ କିଭଳି କାର୍ଯ୍ୟ ହୋଇଛି, କେଉଁ ପ୍ରକାରର ପ୍ରକଳ୍ପ/ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ତାହା ଅନୁଧ୍ୟାନ/ତଦାରଖ କରିବା ଥିଲା ଏହି ଗସ୍ତର ଉଦ୍ଦେଶ୍ୟ ବୋଲି ଜଷ୍ଟିସ ଶ୍ରୀ ପଟ୍ଟନାୟକ କହିଥିଲେ । ଏତଦ୍‌ବ୍ୟତୀତ ସୁନ୍ଦରଗଡ ଓ ମୟୁରଭଞ୍ଜ ଜିଲ୍ଲା ଓମ୍ୱାଡସି କାର୍ଯ୍ୟକ୍ରମର ରୂପରେଖ ଓ ଅଭିଜ୍ଞତା ସଂପର୍କରେ ଆଲୋକପାତ କରିଥିଲେ । ଅନ୍ୟାନ୍ୟ ଖଣି କ୍ଷେତ୍ରରୁ ଜୋରିମାନା ବାବଦରୁ ଆଦାୟ ଅର୍ଥରେ କିପରି ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାମାନଙ୍କର ଉନ୍ନତି କରାଯିବ ସେ ସଂପର୍କରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ବୋଲି କହିଥିଲେ । ଏହାପରେ ବିଭିନ୍ନ ବିଭାଗ ଓ କ୍ଷେତ୍ର ପାଇଁ ମଞ୍ଜୁର କରାଯାଇଥିବା ଅର୍ଥ ବିନିଯୋଗ ଓ ହାତକୁ ନିଆଯାଇଥିବା ପ୍ରକଳ୍ପ ସଂପର୍କରେ ସମୀକ୍ଷା କରିଥିଲେ । ଅଗ୍ରାଧିକାର କ୍ଷେତ୍ର ଯଥା- ପାନୀୟ ଜଳ ଯୋଗାଣ ଓ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ, ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟ, ସମନ୍ୱିତ ଶିଶୁ ବିକାଶ ଯୋଜନା,ଜୀବନଜୀବିକାର ଅଭିବୃଦ୍ଧି,ଗ୍ରାମାଂଚଳ ତଥା ଅଗମ୍ୟ ଅଂଚଳ ସଂଯୋଗୀକରଣ,ପରିବେଶ ସୁରକ୍ଷା ଓ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ, ଜଳ ସଂରକ୍ଷଣ, ଭୂତଳ ଜଳସ୍ତର ବୃଦ୍ଧି ଇତ୍ୟାଦି ପ୍ରସଙ୍ଗରେ ଜଷ୍ଟିସ ଶ୍ରୀ ପଟ୍ଟନାୟକ ସମୀକ୍ଷା କରି ବିଭିନ୍ନ ପ୍ରକଳ୍ପ/ କାର୍ଯ୍ୟକ୍ରମର ସଠିକ୍ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ । ବିଶେଷତଃ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ,ସହରାଂଚଳରେ ଡ୍ରିଙ୍କ ଫ୍ରମ୍ ଟେପ୍ କାର୍ଯ୍ୟକ୍ରମ,ଶିକ୍ଷା କ୍ଷେତ୍ରର ବିକାଶ ଯଥା- ବିଦ୍ୟାଳୟ ରୂପାନ୍ତରଣ,ଲାଇବ୍ରେରୀର ବିକାଶ, ପାକଶାଳାର ଉନ୍ନତିକରଣ, ଆଦର୍ଶ ବିଦ୍ୟାଳୟ ମାନଙ୍କରେ ହଷ୍ଟେଲ ନିର୍ମାଣ, ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ,ଦକ୍ଷତା ବୃଦ୍ଧି, ଖଣି ଅଂଚଳରେ ଚାଷ ଓ ପନିପରିବା ଚାଷକୁ ପ୍ରୋତ୍ସାହନ,ଚେକ୍ ଡ୍ୟାମ୍ ନିର୍ମାଣ,ବୈଷୟିକ ଶିକ୍ଷାନୁଷ୍ଠାନମାନଙ୍କର ଉନ୍ନତି,ଅଙ୍ଗନୱାଡି ଗୃହ ନିର୍ମାଣ,ମା ଓ ଶିଶୁର ପୁଷ୍ଟି ସାଧନ ମତ୍ସ୍ୟ ଚାଷ,ପଶୁପାଳନ,ଛେଳି ପାଳନ,କୁକୁଡା ଚାଷ,ରେଶମ ଶିଳ୍ପ ସଂପର୍କିତ କାର୍ଯ୍ୟକ୍ରମର ପ୍ରସାର,ଅଗମ୍ୟ ଅଂଚଳରେ ବାଇକ୍ ଆମ୍ବୁଲାନ୍ସ ବ୍ୟବସ୍ଥା,ଜିଲ୍ଲା ହସ୍‌ପିଟାଲରେ ଅତ୍ୟାଧୁନିକ ଚିକିତ୍ସା ଉପକରଣ ବ୍ୟବସ୍ଥା,ଡାକ୍ତରମାନଙ୍କ ପାଇଁ ବାସଗୃହ ନିର୍ମାଣ ଇତ୍ୟାଦି ପ୍ରସଙ୍ଗ ଉପରେ ମାନ୍ୟବର ଜଷ୍ଟିସ ଶ୍ରୀ ପଟ୍ଟନାୟକ ସମୀକ୍ଷା କରି ଅଗ୍ରଗତି ପାଇଁ ଖୁସି ପ୍ରକଟ କରିଥିଲେ । ଜିଲ୍ଲାପାଳ ଶ୍ରୀ ଠାକ୍‌ରେ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ,ଓମ୍ୱାଡସି ର ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି ଶେଖ୍ ନଇମୁଦ୍ଦିନ ଏବଂ ଦ୍ୱିପାୟନ ପଟ୍ଟନାୟକ,ସାଧାରଣ ପରିଚାଳକ (ପ୍ରଶାସନ) ସୁଧାକର ବର୍ଗୀ,ସାଧାରଣ ପରିଚାଳକ (ଅପରେସନ) ଜୟନ୍ତ କୁମାର ଦାଶ,କନସଲଟା ପାର୍ଥସାରଥି ମହାନ୍ତି,ଟିମ୍ ଲିଡର(ପିଏମୟୁ) ଅମ୍ବୁଜ ପ୍ରସାଦ ଓମ୍ୱାଡସିର ଓଭରସାଇଟ ଅଥରିଟିଙ୍କ ଗସ୍ତ ଓ ସମୀକ୍ଷା ବୈଠକ ସମୟରେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଜଷ୍ଟିସ ଶ୍ରୀ ପଟ୍ଟନାୟକ ଗୁରୁବାର ପୂର୍ବାହ୍ନରେ ସଦର ବ୍ଲକ ଅନ୍ତର୍ଗତ ଡିମ୍ବୋ ଗ୍ରାମ ଗସ୍ତ କରି ବଡି କ୍ଲଷ୍ଟର ପରିଦର୍ଶନ କରିଥିଲେ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ଭିତିଭୂମିର ବିକାଶ ଓ ସ୍ୱାସ୍ଥ୍ୟସେବା ତଦାରଖ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଜଷ୍ଟିସ ଶ୍ରୀ ପଟ୍ଟନାୟକ ଗସ୍ତର ପ୍ରଥମ ଦିନରେ ଘସିପୁରା ବ୍ଲକ,ହାଟଡିହି ବ୍ଲକ,ଘଟଗାଁ ବ୍ଲକ ଏବଂ ଗସ୍ତର ଦ୍ୱିତୀୟ ଦିନରେ ସଦର ବ୍ଲକ,ଝୁମ୍ପୁରା ବ୍ଲକ,ଚମ୍ପୁଆ ଏନ୍ଏସି ଏବଂ ଯୋଡା ବ୍ଲକର ବିଭିନ୍ନ ଅ ଳ ପରିଦର୍ଶନ କରି ବିଭିନ୍ନ ପ୍ରକଳ୍ପ ଓ କାର୍ଯ୍ୟକ୍ରମର ତଦାରଖ କରିଥିଲେ ।

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର